# NATIONAL NEWS BULLETIN (ODIA)

## 2 July 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବ ଭାରତ-ଜାପାନ ବାର୍ଷିକ ସମ୍ମିଳନୀ

–ଅଂଶଗ୍ରହଣ କରିବେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ଜାପାନ ପ୍ରତିପକ୍ଷ

- ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲାରୁ ଆଜି ଭିବିଜି ରାମଜୀ ଆଇନର ହେବ ଜାତୀୟ ଶୁଭାରମ୍ଭ

- ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ କାର୍ଯ୍ୟକାଳକୁ ୧ ବର୍ଷ ବୃଦ୍ଧି କଲେ ସରକାର

- ଭେନେଜୁଏଲା ଭୂମିକମ୍ପରେ ମୃତ୍ୟୁସଂଖ୍ୟା ୨ ହଜାର ୨୯୫କୁ ବୃଦ୍ଧି

ଏବଂ

- ଫିଫା ବିଶ୍ୱକପ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ଫ୍ରାନ୍ସ, ବେଲ୍‌ଜିୟମ, ଇଂଲଣ୍ଡ, ମେକ୍ସିକ ଓ ନରୱେ ବିଜୟୀ

# ଜାପାନ-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ତାଙ୍କର ଜାପାନ ପ୍ରତିପକ୍ଷ ସାନାଇ ତାକାଇଚିଙ୍କ ସହିତ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଅଂଶ ଗ୍ରହଣ କରିବେ । ଏହି ସମ୍ମିଳନୀ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଦ୍ୱିପକ୍ଷୀୟ ସହଯୋଗକୁ ଅଧିକ ସଶକ୍ତ କରିବା ସହିତ ଏହାର ଅଗ୍ରଗତିର ସମୀକ୍ଷା କରାଯିବ । ଏହାଛଡ଼ା ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ସମସ୍ୟା ସଂପର୍କରେ ଉଭୟ ପକ୍ଷ ମତ ବିନିମୟ କରିବାର ସୁଯୋଗ ପାଇବେ । ଦୁଇଦେଶର ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ପରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ଆଶା କରାଯାଉଛି ।

ଇତିମଧ୍ୟରେ ଜାପାନ ପ୍ରଧାନମନ୍ତ୍ରୀ ୩ ଦିନିଆ ଭାରତ ଗସ୍ତରେ ଆସି ଗତ ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ପହଞ୍ଚିଛନ୍ତି । ଏ ସଂପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଭାରତ-ଜାପାନ ମଧ୍ୟରେ ଜାରି ରହିଥିବା ସ୍ୱତନ୍ତ୍ର ରଣନୈତିକ ଏବଂ ବୈଶ୍ୱିକ ଭାଗିଦାରୀକୁ ଆଗକୁ ବଢ଼ାଇବା ଦିଗରେ ଜାପାନ ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ।

ଏ ସଂପର୍କରେ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ଅଥନୀତିକ ସୁରକ୍ଷା ଦୁଇଦେଶ ମଧ୍ୟରେ ସଂପର୍କର ଏକ ପ୍ରମୁଖ ସ୍ତମ୍ଭ ଭାବେ ଉଭା ହୋଇଛି । ୨୦୨୪ ନଭେମ୍ବର ମାସରେ ଟୋକିଓରେ ଅନୁଷ୍ଠିତ ପ୍ରଥମ ଅର୍ଥନୈତିକ ସୁରକ୍ଷା ବୈଠକରେ ଉଭୟ ପକ୍ଷ ୫ଟି ପ୍ରମୁଖ କ୍ଷେତ୍ରରେ ରଣନୈତିକ ସହଯୋଗ ଲାଗି ସମ୍ମତି ପ୍ରଦାନ କରିଥିଲେ । ସେଗୁଡ଼ିକ ହେଲା ସେମିକଣ୍ଡକ୍ଟର, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଔଷଧ, ସ୍ୱଚ୍ଛ ଶକ୍ତି ଏବଂ ସୂଚନା ଓ ଯୋଗାଯୋଗ ଜ୍ଞାନକୌଶଳ । ନିକଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ସମ୍ମିଳନୀ ଅବସରରେ ଜାପାନ ପ୍ରଧାନମନ୍ତ୍ରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଥିଲେ । ଏହାଛଡ଼ା ଗତବର୍ଷ ନଭେମ୍ବର ମାସରେ ଜୋହାନ୍ସବର୍ଗଠାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ମଧ ଦୁଇ ନେତାଙ୍କ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି । ଭାରତ ଓ ଜାପାନ ସଂପର୍କକୁ ଅଧିକ ସଶକ୍ତ କରିବା ଦିଗରେ ଉଚ୍ଚସ୍ତରୀୟ ରାଜନୈତିକ ପ୍ରତିବଦ୍ଧତା ଏହା ଦ୍ୱାରା ପ୍ରତିଫଳିତ ହେଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପିଏମ୍-ଜାପାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଜାପାନ ପ୍ରତିପକ୍ଷ ସାନାଇ ତାକାଇଚିଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିବା ଲାଗି ଆଗ୍ରହୀ ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମତବ୍ୟକ୍ତ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏହି ଆଲୋଚନା ମାଧ୍ୟମରେ ଭାରତ-

ଜାପାନ ସ୍ୱତନ୍ତ୍ର ରଣନୈତିକ ଏବଂ ବୈଶ୍ୱିକ ଭାଗିଦାରୀ ଅଧିକ ସଶକ୍ତ ହୋଇପାରିବ । ଜାପାନ ପ୍ରଧାନମନ୍ତ୍ରୀଙ୍କର ପ୍ରଥମ ଭାରତ ଗସ୍ତ ଅବସରରେ ତାଙ୍କୁ ସ୍ୱାଗତ କରିବା ଲାଗି ଶ୍ରୀ ମୋଦୀ ନିଜର ଆଗ୍ରହ ପ୍ରକାଶ କରିଛନ୍ତି । ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ବଜାୟ ରଖିବା ଦିଗରେ ଉଭୟ ଦେଶ ମିଳିତ ପ୍ରୟାସ ଜାରି ରଖିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଭିବିଜି ରାମଜୀ

ଦେଶବ୍ୟାପୀ କାର୍ଯ୍ୟକାରୀ ହୋଇଥିବା ଭିବିଜି ରାମଜୀ-ଆଇନ ୨୦୨୫ର ଆଜି ଆନ୍ଧ୍ରପ୍ରଦେଶରେ ଜାତୀୟ ଶୁଭାରମ୍ଭ କରାଯିବ । ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲା ବୁଲାଭାରୀପଲେ ଅନ୍ତର୍ଗତ ମୁକାଭାରୀପଲେ ଗ୍ରାମରେ ଏହି ଅବସରରେ ଏକ ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁଙ୍କ ସହିତ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାରି ଅଧିସୂଚନା ଅନୁସାରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଆଇନ ଅଧୀନରେ ମଜୁରୀ ବୃଦ୍ଧି କରାଯାଇଛି । ଏଥିରେ ଶ୍ରମିକମାନଙ୍କୁ ଦୈନିକ ମଜୁରୀ ବାବଦରେ ୩୨୭

ଟଙ୍କା ୪୦ ପଇସା ପ୍ରଦାନ କରାଯିବ। ପୂର୍ବରୁ ମନରେଗା ଯୋଜନା ଅଧୀନରେ ଦିଆଯାଉଥିବା ମଜୁରୀଠାରୁ ଏହା ୧୦ ପ୍ରତିଶତ ଅଧିକ। ଭିବି ଜି. ରାମ ଜି. ଆଇନ୍ ଅଧୀନରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ନିଶ୍ଚିତ କାମ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି।

ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇ ଦିଆ ନ ଗଲେ ଭତ୍ତା ପ୍ରଦାନ କରାଯିବ। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୯୫ ହଜାର ୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଭିବି-ଜି. ରାମ୍ ଜି. ଆଇନ' ପ୍ରଚଳିତ ୨୦୦୫ ମସିହାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ କାର୍ଯ୍ୟକ୍ଷମ ହୋଇଛି। ୨୦୨୫-୨୬ ଆର୍ଥିକବର୍ଷରେ ୧୨ କୋଟି ୧୭ ଲକ୍ଷ ଲୋକ ଏହି ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ସାମିଲ ହୋଇଛନ୍ତି। ଏହି ସମୟ ମଧ୍ୟରେ କର୍ମନିଯୁକ୍ତି ଦିଆଯାଇ ୧୮୪ କୋଟି ୬୮ ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇଛି। ସରକାର ଏ ବାବଦରେ  ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର-ଡିବିଟି ମାଧ୍ୟମରେ ୨୭ କୋଟି ୬୭ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।

## ଫରେନ୍ ସେକ୍ରେଟାରୀ -ମିଶ୍ରି

ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କର କାର୍ଯ୍ୟକାଳକୁ ସରକାର ୧ ବର୍ଷ ବୃଦ୍ଧି କରିଛନ୍ତି । କେନ୍ଦ୍ର କ୍ୟାବିନେଟ୍‌ର ନିଯୁକ୍ତି କମିଟି ଦ୍ୱାରା ଏହି ଅନୁମୋଦନ ପରେ ଶ୍ରୀ ମିଶ୍ରିଙ୍କର କାର୍ଯ୍ୟକାଳ ଆସନ୍ତାବର୍ଷ ଜୁଲାଇ ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ୧୯୮୯ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା ଅଧିକାରୀ

ଶ୍ରୀ ମିଶ୍ରିଙ୍କର ବିଦେଶ ସଚିବ ଭାବେ କାର୍ଯ୍ୟକାଳ ଆସନ୍ତା ୧୪ ତାରିଖରେ ସମାପ୍ତ ହେଉଛି । ସେ ୨୦୨୪ ଜୁଲାଇ ୧୫ ତାରିଖରେ ବିଦେଶ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପୂର୍ବରୁ ଶ୍ରୀ ମିଶ୍ରି ଚୀନ୍‌ରେ ଭାରତର ରାଷ୍ଟ୍ରଦୂତ ଭାବେ ୨୦୧୯ ଜାନୁଆରୀ ମାସରୁ ୨୦୨୧ ଡିସେମ୍ବର ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଛନ୍ତି । ଏହାଛଡ଼ା ସେ ଭାରତର ୩ଜଣ ପ୍ରଧାନମନ୍ତ୍ରୀ ଆଇ.କେ. ଗୁଜରାଲ, ଡକ୍ଟର ମନମୋହନ ସିଂ ଏବଂ ନରେନ୍ଦ୍ର ମୋଦୀଙ୍କର ବ୍ୟକ୍ତିଗତ ସଚିବ ରୂପେ କାର୍ଯ୍ୟ କରିଛନ୍ତି ।

# ଆଭିଏସନ-ପିନ୍‌ସ

ଦେଶରେ ପ୍ରଥମଥର ଲାଗି ଆନ୍ଧ୍ରପ୍ରଦେଶର ଉଣ୍ଡାଭାଲି ହେଲିପୋର୍ଟରୁ ହେଲିକପ୍ଟର ଉଡ଼ାଣ ଲାଗି ନିଜସ୍ୱ ପଏଣ୍ଟ ଇନ୍ ସ୍ପେସ୍ ବା ପିନ୍‌ସ ବ୍ୟବସ୍ଥାକୁ ମଂଜୁରୀ ପ୍ରଦାନ କରାଯାଇଛି । ଏହି ବ୍ୟବସ୍ଥାରେ ଅତ୍ୟାଧୁନିକ ସାଟେଲାଇଟ୍ ଭିତ୍ତିକ ଜ୍ଞାନକୌଶଳ ବ୍ୟବହାର କରାଯାଇଥାଏ । ଲ୍ୟାଣ୍ଡିଂ କରିବା ଲାଗି ପାରମ୍ପରିକ ବ୍ୟବସ୍ଥା ନଥିବା ହେଲିପୋର୍ଟ ଗୁଡ଼ିକରେ ସୁରକ୍ଷିତ ଉଡ଼ାଣ ଲାଗି ଏହି ବ୍ୟବସ୍ଥା ସହାୟକ ହୋଇଥାଏ ।

ଦେଶରେ ସମସ୍ତ ପ୍ରକାର ପାଗରେ ସୁରକ୍ଷିତ ହେଲିକପ୍ଟର ଉଡ଼ାଣ ସହିତ ଏହାର ପରିଚାଳନାଗତ ଦକ୍ଷତା ଅଧିକ ସଶକ୍ତ କରିବା ଦିଗରେ ଏହି ସଫଳତା ଏକ ନୂତନ ଯୁଗର ଶୁଭାରମ୍ଭ ବୋଲି ବେସାମରିକ ବିମାନ

ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି । ଭାରତର ବିମାନ ବନ୍ଦର ପ୍ରାଧିକରଣ ପକ୍ଷରୁ ବିକଶିତ କରାଯାଇଥିବା ଏହି ବ୍ୟବସ୍ଥାକୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ଏହାକୁ ମଂଜୁରୀ କରାଯାଇଛି ।

## ଭେନେଜୁଏଲା-ଡେଥ୍ ଟୋଲ

ଭେନେଜୁଏଲାରେ ଭୂମିକମ୍ପ ଜନିତ ମୃତ୍ୟୁସଂଖ୍ୟା ୨ହଜାର ୨୯୫କୁ ବୃଦ୍ଧି ପାଇଛି । ଏଥିସହିତ ୧୧ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ସେଠାକାର ଜାତୀୟ ଆସେମ୍ବ୍ଲିର ଅଧ୍ୟକ୍ଷ ଜର୍ଜ ରୋଡ୍ରିଗେଜ୍ ସୂଚନା ଦେଇଛନ୍ତି । ସେ କହିଛନ୍ତି ପ୍ରାୟ ୧୩ ହଜାରରୁ ଉର୍ଦ୍ଧ୍ୱ ଲୋକ ନିଜର ବାସସ୍ଥାନ ହରାଇଛନ୍ତି । ତେବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଇତିମଧ୍ୟରେ ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲ୍ସି ରୋଡ୍ରିଗେଜ୍ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି ।

ଏଠାରେ ସୂଚନାଦିଆଯାଇପାରେ, ଭେନେଜୁଏଲାରେ ଗତମାସ ୨୫ ତାରିଖରେ ୨ଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭ ଦଶମିକ ୨ ଓ ୭ ଦଶମିକ ୫ ଥିବା ଜଣାଯାଇଛି ।

## ଅମରନାଥ ଯାତ୍ରା

ଚଳିତ ଅମରନାଥ ଯାତ୍ରାର ପ୍ରଥମ ତୀର୍ଥଯାତ୍ରୀ ଦଳ ଜାମ୍ମୁର ଭଗବତୀନଗର ବେସ୍ କ୍ୟାମ୍ପରୁ ଆଜି ସକାଳେ ଯାତ୍ରା ଆରମ୍ଭ କରିଛନ୍ତି ।

ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା  ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି, ୫୭ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରା ନୁନୁଆ-ପହେଲଗାମ ଏବଂ ବାଲତାଲ ପଥ ଦେଇ ଆଜିଠାରୁ ଆରମ୍ଭ ହୋଇଛି । ଆସନ୍ତାମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଯାତ୍ରା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହାଛଡ଼ା ରହଣି ବ୍ୟବସ୍ଥା ସମେତ ସମସ୍ତ ପ୍ରକାରର ଆବଶ୍ୟକୀୟ ବନ୍ଦୋବସ୍ତ କରାଯାଇଛି । ଚଳିତବର୍ଷ ଏହି ଯାତ୍ରା ଲାଗି ଉଭୟ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ ମାଧ୍ୟମରେ ପ୍ରାୟ ୪ ଲକ୍ଷ ଶ୍ରଦ୍ଧାଳୁ ନାମ ପଞ୍ଜିକରଣ କରିଥିବା ଜଣାଯାଇଛି ।

## ଫିଫା

ଫିଫା ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ବେଲ୍‌ଜିୟମ, ଇଂଲଣ୍ଡ, ମେକ୍ସିକୋ, ଫ୍ରାନ୍ସ ଏବଂ ନରୱେ ବିଜୟୀ ହୋଇଛନ୍ତି । ବେଲ୍‌ଜିୟମ' ସେନେଗାଲ୍‌କୁ ଅତିରିକ୍ତ ସମୟରେ ୩-୨ ଗୋଲ୍‌ରେ ପରାସ୍ତ କରିଛି । ସେହିଭଳି ଇଂଲଣ୍ଡ' କଙ୍ଗୋକୁ ୨-୧ ଗୋଲ୍‌ରେ ପରାସ୍ତ କରିବା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ଆସନ୍ତା ୬ ତାରିଖରେ ମେକ୍ସିକୋକୁ ଭେଟିବ । ଅନ୍ୟ ଏକ ମ୍ୟାଚ୍‌ରେ ମେକ୍ସିକୋ' ଇକ୍ୱେଡରକୁ ୨-୦ରେ ଏବଂ ଫ୍ରାନ୍ସ' ସ୍ୱିଡେନ୍‌କୁ ୩-୦ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ଆଇଭରିକୋଷ୍ଟ' ନରୱେ ନିକଟରୁ ୨-୧ ଗୋଲ୍‌ରେ ପରାସ୍ତ ହୋଇଛି ।

# କ୍ରିକେଟ୍

ଇଂଲଣ୍ଡର ଚେଷ୍ଟର-ଲି ଷ୍ଟ୍ରିଟ୍‌ରେ ଗତକାଲି ଅନୁଷ୍ଠିତ ଭାରତ-ଇଂଲଣ୍ଡ ପ୍ରଥମ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ବର୍ଷା ଲାଗି ବାଧାପ୍ରାପ୍ତ ହୋଇଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୮୯ ରନ୍ କରିଥିଲା । ଅଧିନାୟକ ଶ୍ରେୟାସ ଆୟାର ୪୭ଟି ବଲ୍‌ରୁ ସର୍ବାଧିକ ୬୮ ରନ୍ କରିଥିବା ବେଳେ ଓପନର ଅଭିଷେକ ଶର୍ମା ୫୯ ରନ୍ କରିଥିଲେ । ସେହିଭଳି ଶିବମ୍ ଦୁବେ ୪୨ ରନ୍ କରି ଅପରାଜିତ ରହିଥିଲେ । ଇଂଲଣ୍ଡ ପକ୍ଷରୁ ସାକିବ ମହମ୍ମଦ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ବର୍ଷା ଯୋଗୁଁ ଇଂଲଣ୍ଡ ଦଳ ବ୍ୟାଟିଂ କରିପାରି ନଥିଲେ ।

ଆସନ୍ତା ଶନିବାର ଦିନ ଉଭୟ ଦଳ ଦ୍ୱିତୀୟ ଆନ୍ତର୍ଜାତିକ ଟି-୨୦ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ ।

# ଡୁରାଣ୍ଡ କପ୍

ଡୁରାଣ୍ଡ କପ୍‌ର ୧୩୫ତମ ସଂସ୍କରଣ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ । ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ଗୁଡ଼ିକ କୋଲକାତା, ରାଞ୍ଚି, ଇମ୍ଫାଲ, ସିଲଙ୍ଗ ଓ ଗୌହାଟୀରେ ଅନୁଷ୍ଠିତ ହେବ । ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ

ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ମ୍ୟାଚ୍ କୋଲକାତାରେ ଖେଳାଯିବ ।